# Akashvani, Sambalpur

## SAMBALPURI NEWS EVENING BULLETIN

## 22 January 2026 - 7.02 pm- 7.12 pm.

*******************************************

୧- ନେତାଜୀ ସୁବାଷ୍ ଚନ୍ଦ୍ର ବୋଷ୍‌ଙ୍କର୍ ଜୟନ୍ତୀ ଆଉ ପରାକ୍ରମ୍ ଦିବସ୍ ସମାରୋହଥି ଯୋଗ୍ ଦେବାର୍‌କେ ଆଏବା କାଏଲ୍ କଟକ୍ ଆସୁଛନ୍ ଉପରାଷ୍ଟ୍ରପତି ।

୨- ୪ ଲାଖ୍ ୫୭ ହଜାର୍‌ନୁ ଅଏତ୍‌କା ହିତାଧିକାରୀଙ୍କୁ ସୁଭଦ୍ରା ସାହାଜ୍ ଟଙ୍କା ବାଂଟ୍‌ଲେ ମୁଖ୍ୟମନ୍ତ୍ରୀ ।

୩- ପାଣି ପଂଚାୟତ୍ ବ୍ୟବସ୍ଥା ଓଡ଼ିଶାର୍ କୃଷି ଆଉ ଚାଷୀମାନ୍‌କର୍ ଜୀବନ୍‌ଥି ଗୁଟେ ବଡ଼ ପରିବର୍ତ୍ତନ୍ ଆନିଛେ କହେଲେ ମୁଖ୍ୟମନ୍ତ୍ରୀ ।

- ଭୁବ୍‌ନେଶ୍ୱର୍ ନ ଚାଲିଥିବା ପାଣି ପଂଚାୟତ୍ ପକ୍ଷ - ୨୦୨୬ ହେଲା ଉଦ୍‌ଯାପିତ୍ ।

ଆଉର୍

୪- ଗ୍ରାମରକ୍ଷୀ ମାନ୍‌କର୍ ମାସିକ୍ ଭତା ୧୮ ଶହ ନୁ ୨୫ ଶହ ଟଙ୍କାକେ ବଢ଼ାଲେ ରାଜ୍ୟ ସର୍‌କାର୍ ।

ଉପରାଷ୍ଟ୍ରପତି - କଟକ୍ ଗସ୍ତ          ଆଇ.ଆଣ୍ଡ୍.ପି.ଆର୍

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ଆଏବାକାଏଲ୍ ଓଡ଼ିଶା ଗସ୍ତଥି ଆସୁଛନ୍ । ନେତାଜୀ ସୁବାଷ୍ ଚନ୍ଦ୍ର ବୋଷ୍ଙ୍କର୍ ଜୟନ୍ତୀ ଆଉ ପରାକ୍ରମ୍ ଦିବସ୍ ଅବ୍ସରେ କଟକ୍ ନ ହେବାର୍କେ ଥିବା କାର୍ଯ୍ୟକ୍ରମ୍ଥି ଉପରାଷ୍ଟ୍ରପତି ଯୋଗ୍ ଦେବାର୍ ସହେତେ ନେତାଜୀଙ୍କର୍ ଜନମ୍ଜାଗା ସଂଗ୍ରହାଲୟ ପରିଦର୍ଶନ୍ କର୍ବେ । ଇତାର୍ସହେତେ ଜିଲ୍ଲା ସଂସ୍କୃତି ଭବନ୍ ଉଦ୍ଘାଟନ୍ କର୍ବେ । ଉପରାଷ୍ଟ୍ରପତିଙ୍କର୍ ଗସ୍ତକେ ନେଇକରି ପ୍ରଶାସନ୍ ତର୍ପୁ କଡ଼ା ସୁରକ୍ଷା ବ୍ୟବସ୍ଥା କରାଯାଇଛେ । ଆଏବା କାଏଲ୍ ସଖାଲର୍ ୮ ବାଜିକରି ୫୦ ମିନିଟ୍ଥି ଉପରାଷ୍ଟ୍ରପତି ଭୁବ୍ନେଶ୍ୱର୍ ବିମାନ୍ ବନ୍ଦର୍ ନ ପୁହୁଁଚିବେ । ସେନୁ ସିଧାସଲଖ୍ କଟକ୍ ଯାଇକରି ନେତାଜୀଙ୍କର୍ ଜନମ୍ ଠାନ୍ ପୁହୁଁଚିବେ । କାର୍ଯ୍ୟକ୍ରମ୍ ସାରିକରି ମଏଧାନର୍ ୨ ବଜେ ଉପରାଷ୍ଟ୍ରପତି କୋଲ୍କାତା ଯିବାର୍ କାର୍ଯ୍ୟସୂଚୀ ରହିଛେ ।

ସୁଭଦ୍ରା          ଆଇ.ଆଣ୍ଡ୍.ପି.ଆର୍

ଓଡ଼ିଶାର୍ ସବୁନୁ ବଡ଼ ମହିଳା କୈନ୍ଦ୍ରିକ କଲ୍ୟାଣ୍ ଯୋଜ୍ନା- ସୁଭଦ୍ରାର୍ ୪ ଲାଖ୍ ୫୭ ହଜାର୍ନୁ ଅଏତ୍କା ହିତାଧିକାରୀଙ୍କୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଆଏଜ୍ ଯୋଜ୍ନାର୍ ସାହାଜ୍

ଟଙ୍କା ବାଂଟିଛନ୍ । ଭୁବ୍‌ନେଶ୍ୱର୍ ଓୟୁଏଟି ପରିସର୍ ନ ହେଇଥିବା ଗୁଟେ ସମାରୋହଥି ମୁଖ୍ୟମନ୍ତ୍ରୀ ୩ ଶହ ୧୫ କୋଟି ନୁ ଅଏତ୍‌କା ସାହାଜ୍ ଟଙ୍କା ଡିବିଟି ଜରିଏ ହିତାଧିକାରୀଙ୍କୁ ଦେଇଛନ୍ । ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ କହିଛନ୍, ସୁଭଦ୍ରା ଯୋଜ୍‌ନା ହେଉଛେ ସ୍ୱାଧୀନତା ଉତ୍‌ରୁ ଓଡ଼ିଶା ନ ସବୁନୁ ବଡ଼ ମହିଳା କୈନ୍ଦ୍ରିକ ଯୋଜ୍‌ନା । ମହିଳାମାନ୍‌କର୍ ସର୍ବାଙ୍ଗିନ୍ ବିକାଶ୍ ଲାଗି ସର୍‌କାର୍ ସୁଭଦ୍ରା ଯୋଜ୍‌ନା ଲାଗି ବଛର୍‌କ ୧୧ ହଜାର୍ କୋଟି ଟଙ୍କା ବ୍ୟୟବରାଦ୍ ରଖିଛନ୍ ବଲି ମୁଖ୍ୟମନ୍ତ୍ରୀ କହିଛନ୍ ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସମାରୋହଥି ମୁଖ୍ୟମନ୍ତ୍ରୀ ୫ ଝନ୍ ସଫଲ୍ ସୁଭଦ୍ରା ହିତାଧିକାରୀଙ୍କୁ ସମ୍ମାନିତ୍ କରିଥିଲେ । ଇ ଅବ୍‌ସରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗ୍ ଦେଇକରି ମହିଳାମାନେ ନିଜର୍ ଦମ୍‌ଥି ଉଦ୍ୟମୀ ହେଇପାର୍‌ଲେ ସମୃଦ୍ଧ ଓଡ଼ିଶା ଆଉ ବିକଶିତ ଭାରତ୍ ଗଠନ୍ ହେଇପାର୍‌ବା ବଲି କହିଛନ୍ । ସୂଚ୍‌ନା ଅନ୍‌ସାରେ ରାଜ୍ୟ ସର୍‌କାର୍ ଏବ୍‌ତକ୍ ୧ କୋଟିନୁ ଅଏତ୍‌କା ମହିଳାଙ୍କୁ ସୁଭଦ୍ରା ଯୋଜ୍‌ନାଥି ୧୫ ହଜାର୍ କୋଟି ନୁ ଅଏତ୍‌କା ଟଙ୍କା ସାହାଜ୍ ଆକାରେ ଯୁଗେଇ ଦେଇଛନ୍ ।

ପାଣି ପଂଚାୟତ୍ ପକ୍ଷ ଆଇ.ଆଣ୍ଡ.ପି.ଆର୍

ପାଏନ୍‌ର ସୁପରିଚାଳନା ବିନା କୃଷି, ଅର୍ଥନୈତିକ ଉନ୍ନତି ଆଉ ରାଜ୍ୟର୍ ପ୍ରଗତି ନାଇଁ ହୁଏ । ପାଣି ପଂଚାୟତ୍ ବ୍ୟବସ୍ଥା ଓଡ଼ିଶାର୍ କୃଷି ଆଉ ଚାଷୀମାନ୍‌କର୍ ଜୀବନ୍‌ଥି ଗୁଟେ ବଡ଼ ପରିବର୍ତ୍ତନ୍ ଆନିଛେ ବଲି ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ । ଭୁବ୍‌ନେଶ୍ୱର୍ ଲୋକ୍‌ସେବା ଭବନ୍ ନ ଆଏଜ୍ ହେଇଥିବା ରାଜ୍ୟସ୍ତରୀୟ ପାଣି ପଂଚାୟତ୍ ପକ୍ଷ-୨୦୨୬ ଉଦ୍‌ଯାପନୀ ସମାରୋହଥି ମୁଖ୍ୟମନ୍ତ୍ରୀ ଯୋଗ୍ ଦେଇକରି କହିଛନ୍, ଆଏବା ୫ ବଛର୍ ଭିତ୍‌ରେ ବଡ଼, ମଧମ୍ ଆଉ କ୍ଷୁଦ୍ର ଜଲ୍‌ସେଚନ୍ ପ୍ରକଳ୍ପ, ଉଠାଜଲ୍‌ସେଚନ୍, ମେଗା ଲିଫ୍ଟ ଆଉ ଆଡ଼ିବନ୍ଧ ତିଆରି ଜରିଏ ୧୫ ଲାଖ୍ ହେକ୍ଟର୍ ଅଏତ୍‌କା ଜମିକେ ଜଲ୍‌ସେଚନ୍ ହେଇପାର୍‌ବା ।

(ଭଏସ୍ ଓଭର୍- ମୁଖ୍ୟମନ୍ତ୍ରୀ)

ସେ ଆହୁରି କହିଛନ୍, ନୂଆପଡ଼ା ଜିଲ୍ଲାର୍ ଚାନ୍ଦପାଲା ନ ୨ ହଜାର୍ ୫ ଶହ ୬୭ ହେକ୍ଟର୍ ଜମିକେ ଆଧୁନିକ୍ ଜଲ ଦକ୍ଷତା ଆଉ ଗୋଷ୍ଠୀ ଜରିଏ ପରିଚାଲିତ୍ ଜଲ୍‌ସେଚନ୍ ପରିଚାଲନା ଲାଗି ପାଇଲଟ୍ ପ୍ରୋଜେକ୍ଟ ଭାବେ ନିଆଯାଇଛେ । ୨୦୩୬ ମସିହାତକ୍ ଓଡ଼ିଶାକେ ସମୃଦ୍ଧ ରାଜ୍ୟ କର୍‌ବାର୍ ଲକ୍ଷ୍ୟଥି ୯୦ ପ୍ରତିଶତ୍‌ନୁ ଅଏତ୍‌କା ଚାଷ୍‌ଯୋଗ୍ୟ ଜମିକେ ଜଲ୍‌ସେଚନ୍ ସୁବିଧା ଯୁଗେଇ ଦେବାର୍ ଲାଗି ସରକାର୍ କାମ୍ କରୁଛନ୍ ବଲି ମୁଖ୍ୟମନ୍ତ୍ରୀ

କହିଛନ୍ । କାର୍ଯ୍ୟକ୍ରମ୍‌ଥି ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହ ଆଉ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ୍ ଥିଲେ ।

ରାଜ୍ୟସଭା ନିର୍ବାଚନ୍ ଆର୍‌ଏନ୍‌ୟୁ/ କଟକ୍

ଓଡ଼ିଶା ସହେତେ ୧୦ ଟା ରାଜ୍ୟର୍ ରାଜ୍ୟସଭା ନିର୍ବାଚନ୍ ଲାଗି ପ୍ରସ୍ତୁତି ମୁଲ୍ ହେଇଛେ । ରିଟର୍ଣ୍ଣିଂ ଅଫିସର୍‌ଙ୍କର୍ ନିଯୁକ୍ତି ଲାଗି ଭାରତୀୟ ନିର୍ବାଚନ୍ ଆୟୋଗଙ୍କର୍ ତର୍‌ଫୁ ରାଜ୍ୟ ନିର୍ବାଚନ୍ ଅଧିକାରୀମାନ୍‌କୁ ପ୍ରସ୍ତାବ୍ ମଗାଯାଇଛେ । ଆଏବା ଏପ୍ରିଲ୍ ମାସେ ଓଡ଼ିଶାର୍ ୪ ଟା ସହେତେ ଦେଶର ୧୦ ଟା ରାଜ୍ୟର୍ ୩୭ ଟା ରାଜ୍ୟସଭା ଆସନ୍ ଖାଲି ରହିଛେ । ଓଡ଼ିଶାର୍ ରାଜ୍ୟସଭା ସାଂସଦ୍ ମୁନା ଖାନ୍, ନିରଞ୍ଜନ୍ ବିଶି, ସୁଜୀତ୍ କୁମାର୍ ଆର୍ ମମତା ମହନ୍ତଙ୍କର୍ କାର୍ଯ୍ୟକାଳ ଆଏବା ଏପ୍ରିଲ୍ ୨ ତାରିଖ୍ ଦିନ ଶେଷ୍ ହେଉଛେ ।

ଗ୍ରାମରକ୍ଷୀ-ମାସିକ୍ ଭତା ଭୁବ୍‌ନେଶ୍ୱର୍ ସମ୍ବାଦଦାତା

ରାଜ୍ୟ ସର୍‌କାର୍ ଗ୍ରାମରକ୍ଷୀ ମାନ୍‌କର୍ ମାସିକ୍ ଭତା ୧୮ ଶହ ନୁ ୨୫ ଶହ ଟଙ୍କାକେ ବଢ଼େଇଛନ୍ । ଇତାର୍‌ସହେତେ ଥାନାମାନ୍‌କେ କାମ୍ କରୁଥିବା ଗୃହରକ୍ଷୀମାନେ ହପ୍ତାକ ଥରେ ଥାନା ନ ହାଜ୍‌ରା ପକାବେ । ଇ ବାବଦ୍ ଗୁଟେ

ପ୍ରସ୍ତାବ୍‌କେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଅନୁମୋଦନ୍ କରିଛନ୍ ।

କୃଷି ଓଡ଼ିଶା ସମ୍ମିଳନୀ ଏକ୍ସ

ଭୁବ୍‌ନେଶ୍ୱର୍ ବରମୁଣ୍ଡା ପଡ଼ିଆ ନ ଆଏଜ୍‌ଠାନୁ କୃଷି ଓଡ଼ିଶା - ୨୦୨୬ ସମ୍ମିଳନୀର୍ ଶୁଭାରମ୍ଭ ହେଇଯାଇଛେ । ୩ ଦିନିଆ ସମ୍ମିଳନୀକେ ଉପମୁଖ୍ୟମନ୍ତ୍ରୀ ଆଉ କୃଷିମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ଉଦ୍‌ଘାଟନ୍ କରିକରି କହିଛନ୍, ଓଡ଼ିଶା ଇହାଦେ ନିଜ୍‌କେ ଖାଦ୍ୟ ଅଗ୍‌ଲାଲା ରାଜ୍ୟ ବନେଇପାରିଛେ । ରାଜ୍ୟକେ ଠିକ୍ ସମିଆଥି ସାର୍ ବିହନ୍ ଯୁଗେଇ ଦେବାର୍ ସହେତେ ଚାଷୀମାନ୍‌କର୍ ଉତ୍ପାଦନ୍ ବଢ଼ାବାର୍ ଲାଗି ସର୍‌କାର୍ ସବୁ ପ୍ରକାରର ସହଯୋଗ୍ କରୁଛନ୍ । ଚାଷୀମାନ୍‌କର୍ ଛୁଆକର୍ ଉଚ୍ଚଶିକ୍ଷା ଲାଗି ସର୍‌କାର୍ କୃଷି ବିଦ୍ୟାନିଧି ଯୋଜ୍‌ନା ମୁଲ୍ କରିଛନ୍ । ମାଟିର୍ ଉର୍ବରତା ପରୀକ୍ଷା ଆଉ କୃତିମ ବୁଦ୍ଧିମତାର୍ ବେଭାର୍ କରିକରି ଚାଷୀମାନ୍‌କର୍ କମାନି ଆହୁରି ବଢ଼ାଯିବା । ଇ ମେଳା ଖାଲି ଗୁଟେ ପ୍ରଦର୍ଶନୀ ନୁହେଁସେ, କୃଷି କ୍ଷେତ୍ର ନ ହେଉଥିବା ପରିବର୍ତନ୍‌ର ଗୁଟେ ବଡ଼ ପ୍ରମାଣ୍ ଆଏ ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ଜୟନ୍ତୀ ସମାରୋହ ଆଇ.ଆଣ୍ଡ.ପି.ଆର୍

ନେତାଜୀ ସୁଭାଷ୍ ଚନ୍ଦ୍ର ବୋଷ୍ ଆଉ ବିପ୍ଲବୀ ବୀର ସୁରେନ୍ଦ୍ର ସାଏଙ୍କର୍ ରାଜ୍ୟସ୍ତରୀୟ ଜୟନ୍ତୀ ସମାରୋହ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ନ ପାଲନ୍ କରାଯିବା । ଆଏବା କାଏଲ୍ ସଖାଲ୍‌ବେଲା ରସୁଲ୍‌ଗଡ୍ ନ ଥିବା ନେତାଜୀଙ୍କର୍ ପ୍ରତିମୂର୍ତ୍ତି ଆର୍ ଭିଏସ୍‌ଏସ୍ ନଗର୍ ନ ଥିବା ବୀର ସୁରେନ୍ଦ୍ର ସାଏଙ୍କର୍ ପ୍ରତିମୂର୍ତ୍ତିଥି ପ୍ରଶାସନ୍ ତର୍‌ଫୁ ମାଲ୍ୟାର୍ପଣ୍ କରାଯିବା । ସଞ୍ଜ୍‌ବେଲେ ଜୟଦେବ୍ ଭବନ୍ ନ ଗୁଟେ ସାଧାରଣ୍ ସଭାର୍ ଆୟୋଜନ୍ କରାଯାଇଛେ ।

ମନ୍ କି ବାତ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା ୨୫ ତାରିଖ୍ ରଏବାର୍ ଦିନ ସଖାଲର୍ ୧୧ ବଜେ ଆକାଶ୍‌ବାଣୀର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ଜରିଏ ଦେଶ୍ ଆଉ ଦୁନିଆସାରା ଲୁକ୍‌କର୍ ସାଙ୍ଗେ ବିଚାର୍ ବିନିମୟ କର୍‌ବେ । ଇଟା ତାଙ୍କର୍ ଶହେ ୩୦ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ ହେବା । ଇଥିର୍‌ଲାଗି ପ୍ରଧାନମନ୍ତ୍ରୀ ସାଧାରଣ୍ ଲୁକ୍‌କର୍ ମତାମତ୍ ମାଗିଛନ୍ । ଲୁକେ ନମୋ ଆପ୍ ଆର୍ ମାଇ ଗଭ୍ ପୋର୍ଟାଲ୍‌ଥି ସେମାନ୍‌କର୍ ମତାମତ୍ ଦେଇପାର୍‌ବେ । ଇତାର୍‌ଛଡ଼ା ୧୮୦୦-୧୧-୭୮୦୦ ଡାଏଲ୍ କରିକରି ନିଜେ ନିଜର୍ ମତାମତ୍ ରେକର୍ଡ଼ କରେଇପାର୍‌ବେ । ୧୯୨୨ ନମ୍ବର୍‌କେ

ମିସଡ୍ କଲ୍ ଦେଇକରି ଏସ୍ଏମ୍ଏସ୍ ଜରିଏ ଆଏବାକାଏଲ୍ତକ୍ ନିଜର୍ ମତାମତ୍ ଦେଇପାର୍ବେ ।

ଇସିଆଇ ନେଟ୍ ଆଇ.ଆଣ୍ଡ୍.ପି.ଆର୍

ଭାରତୀୟ ନିର୍ବାଚନ୍ ଆୟୋଗ୍ ତର୍ଫୁ ନୂଆଦିଲ୍ଲୀ ନ ଚାଲିଥିବା ଅନ୍ତର୍ଜାତୀୟ ଗଣତନ୍ତ୍ର ଆଉ ନିର୍ବାଚନ ପରିଚାଳନା ସମ୍ମିଲନୀ-୨୦୨୬ ଥି ଆଏଜ୍ ଆୟୋଗ୍ର ଏକକ ଡିଜିଟାଲ୍ ପ୍ଲାଟ୍ଫର୍ମ -ଇସିଆଇ ନେଟ୍ ଶୁଭାରମ୍ଭ କରାଯାଇଛେ । ଇ ପ୍ଲାଟ୍ଫର୍ମ ନିର୍ବାଚନ୍ ବାବଦ୍ ସବୁ ସୂଚ୍ନା ଆଉ ସେବା ଲାଗି ଏକକ ଡିଜିଟାଲ୍ ପୋର୍ଟାଲ୍ ଭାବେ କାମ୍ କର୍ବା ।

ଚକ୍ଷୁ ପରୀକ୍ଷା ଶିବିର ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଶିକ୍ଷା ବିଭାଗ୍ ତର୍ଫୁ ସହରର୍ ବାଳିକା ବିଦ୍ୟାଳୟ ନ ସୁରେନ୍ଦ୍ର ସାଏ ଦୃଷ୍ଟି ଯୋଜ୍ନାଥି ଚକ୍ଷୁ ପରୀକ୍ଷା ଶିବିର୍ ହେଇଯାଇଛେ । ଶିବିର୍ଥି ଶହେ ୮୩ ଝନ୍ ଛାତ୍ରଛାତ୍ରୀଙ୍କର୍ ଆଁଖିର୍ ପରୀକ୍ଷା କରାଯାଇଥିଲା । ସେଥିର୍ଭିତ୍ରୁ ୩୭ ଝନ୍ ଛାତ୍ରଛାତ୍ରୀଙ୍କୁ ଚଷମା ଆର୍ ୬ ଝନ୍କୁ ଅଏତ୍କା ଚିକିତ୍ସା ଲାଗି ପରାମର୍ଶ ଦିଆଯାଇଥିଲା ।

## ସଚିବ ବୌଦ୍ଧ ଗସ୍ତ         ବୌଦ୍ଧ ସମ୍ବାଦଦାତା

ପୋଷଣ୍ ଯୋଜ୍ନାର୍ ଅତିରିକ୍ତ ସଚିବ ଏନ୍.ସି. ଜ୍ୟୋତିରଞ୍ଜନ୍ ନାୟକ ବୌଦ୍ଧ ଜିଲ୍ଲା ଗସ୍ତ କରିକରି ଭିନ୍ ଭିନ୍ କାର୍ଯ୍ୟକ୍ରମ୍‌ର ସମୀକ୍ଷା କରିଛନ୍ । ଇ ଅବ୍‌ସରେ ଶ୍ରୀ ନାୟକ୍ ବୌଦ୍ଧ ଆଉ ହର୍‌ଭଙ୍ଗା ବ୍ଲକ୍ ନ ଅଙ୍ଗନବାଡ଼ି କେନ୍ଦ୍ର, ଓ୍ୱାନ୍‌ଷ୍ଟପ୍ ସେଂଟର୍ ଆଉ ଶକ୍ତି ସଦନ୍ ବୁଲି ଦେଖିଥିଲେ । ସବୁ ସିଡ଼ିପିଓ ଆଉ ଜିଲ୍ଲା ଅଧିକାରୀମାନ୍‌କର୍ ସହେତେ ପୋଷଣ୍ ଯୋଜ୍ନାକେ ନେଇକରି ସମୀକ୍ଷା କରିଥିଲେ ।

## ପି.ଏମ୍.ଶ୍ରୀ ଉତ୍ସବ୍ ଉଦ୍‌ଘାଟିତ୍      କଳାହାଣ୍ଡି ସମ୍ବାଦଦାତା

କଳାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନା ପି.ଏମ୍.ଶ୍ରୀ ବ୍ରଜମୋହନ୍ ଉଚ୍ଚବିଦ୍ୟାଳୟ ପରିସର୍ ନ ଜିଲ୍ଲାସ୍ତରୀୟ ପି.ଏମ୍.ଶ୍ରୀ ଉତ୍ସବ୍ ଉଦ୍‌ଘାଟିତ୍ ହେଇଯାଇଛେ । କାର୍ଯ୍ୟକ୍ରମ୍‌ଥି କଳାହାଣ୍ଡି ସାଂସଦ୍ ମାଳବିକା ଦେବୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇକରି ଆଧୁନିକ୍ ଆଉ ଗୁଣାତ୍ମକ ଶିକ୍ଷା ଉପ୍‌ରେ ଜୋର୍‌ଦେଇଥିଲେ ।

## ଭୋଟର୍ ସଚେତନତା କାର୍ଯ୍ୟକ୍ରମ୍        ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ବ୍ଲକ୍ କାର୍ଯ୍ୟାଳୟ ନ ଭୋଟର୍ ସଚେତନତା କାର୍ଯ୍ୟକ୍ରମ୍ ହେଇଯାଇଛେ । ଇ ଅବ୍‌ସରେ ଭୋଟର୍ ମାନ୍‌କୁ ସଚେତନ୍ କର୍‌ବାର୍ ଲାଗି ଗୁଟେ ସଂକଳ୍ପ ଯାତ୍ରା ଭିଲ୍ ହେଇଯାଇଛେ । ଗଣତାନ୍ତ୍ରିକ୍ ପ୍ରକ୍ରିୟା ମାନ୍‌କେ ସାମିଲ୍ ହେଇକରି ନିର୍ଭୀକ୍ ଭାବେ ମତଦାନ୍ କର୍‌ବାର୍‌କେ ସମସ୍ତେ ସଂକଳ୍ପ ନେଇଥିଲେ ।

ପାତାଲ୍‌ଗଙ୍ଗା ଲୋକ୍‌ମହୋତ୍ସବ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ବୋଡ଼େନ୍ ଠାନେ ପାତାଲ୍‌ଗଙ୍ଗା ଲୋକ୍‌ମହୋତ୍ସବ୍-୨୦୨୬ ଉଦ୍‌ଘାଟିତ୍ ହେଇଯାଇଛେ । ଇ ଅବ୍‌ସରେ ଗୁଟେ ମଶାଲ୍ ଶୋଭାଯାତ୍ରା ମା’ ଦୁଆରସେନୀ ମନ୍ଦିର୍‌ନୁ ବାହାରିକରି ମହୋତ୍ସବ୍ ମଚାନ୍‌କେ ପୁହୁଁଚିଥିଲା । ତାର୍ ଉତ୍‌ରୁ ହେଇଥିବା ଉଦ୍‌ଘାଟନୀ ସଭାଥି ମୁଖ୍ୟଅତିଥି ଭାବେ ବିଧାୟକ୍ ଜୟ ଢୋଲ୍‌କିଆ ଯୋଗ୍ ଦେଇଲେ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ପଶ୍ଚିମାଝଡ଼ ପ୍ରଭାବ୍‌ଥି ରାଜ୍ୟର୍ ବଡ଼ଭାଗୀ ଜାଗା ନ ଶୀତ୍‌ର ପ୍ରଭାବ୍ ସାମାଏନ୍ କମିଛେ । ଆଏବା ୪/୫ ଦିନ୍‌ତକ୍ ପାଗ୍ ଏନ୍ତା ରହେବା । ସୁନ୍ଦର୍‌ଗଡ୍, କଳାହାଣ୍ଡି ସହେତେ ରାଜ୍ୟର୍

୧୧ ଟା ଜାଗା ନ ହାଲ୍‌କାନୁ ମଧମ୍ ଧରଣ୍‌ର କୁହୁଡ଼ି ହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ଅନୁମାନ୍ କରାଯାଇଛେ ।